# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**17 January – 2026**

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ୧୦ ଆକାଂକ୍ଷୀ ଜିଲ୍ଲାରେ ନାରୀ ଅଦାଲତର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

- ମହାନଦୀ ଜଳବିବାଦ ପ୍ରସଙ୍ଗରେ ଛତିଶଗଡ଼ ଯିବେ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କମିଟି; ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ

- ଆସନ୍ତାବର୍ଷ ପଂଚାୟତ ଓ ପୌର ନିର୍ବାଚନ ହେବା ନେଇ ରାଜ୍ୟ ନିର୍ବାଚନ କମିଶନଙ୍କ ସୂଚନା

ଏବଂ

- ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଆରମ୍ଭ ହେବ ରତ୍ନଭଣ୍ଡାର ଅଳଙ୍କାର ଗଣତି-ମଣତି

## ନାରୀ ଅଦାଲତ

ମହିଳା ସଶକ୍ତୀକରଣ ହେଉଛି ବିକଶିତ ଓଡ଼ିଶାର ଚାବିକାଠି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ପରିଡା ରାଜ୍ୟର ୧୦ ଆକାଂକ୍ଷୀ ଜିଲ୍ଲାରେ ନାରୀ ଅଦାଲତର ଶୁଭାରମ୍ଭ କରି କହିଛନ୍ତି, ମହିଳାମାନଙ୍କ ଆଇନ୍ ସଚେତନତା, ନ୍ୟାୟ ଓ ମାମଲା ସମାଧାନର ବିକଳ୍ପ ମଂଚ ଭାବେ ନାରୀ ଅଦାଲତ କାର୍ଯ୍ୟ କରିବ । ରାଜ୍ୟରେ ଏହି ଅଦାଲତ ଶତ ପ୍ରତିଶତ କେନ୍ଦ୍ରୀୟ ଅନୁଦାନରେ କାର୍ଯ୍ୟକାରୀ ହେବ । ମହିଳାମାନଙ୍କୁ ଆହୁରି ସଶକ୍ତ, କ୍ରିୟାଶୀଳ ଏବଂ ବିକାଶୋନ୍ମୁଖି କରିବା ପାଇଁ ଏହି ଯୋଜନା ଉପାଦେୟ ସାବ୍ୟସ୍ତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି...

**- V/O -(**ପ୍ରଭାତୀ ପରିଡା**)**

ଏହି ଅବସରରେ ଆଭାସୀ ମାଧ୍ୟମରେ ବେଟି ବଚାଓ-ବେଟି ପଢ଼ାଓ' ଅଭିଯାନ ଅନ୍ତର୍ଗତ ଜାତୀୟ ଶିଶୁ କନ୍ୟା ସପ୍ତାହ ପାଳନ, ପୁରୀର ଉତ୍କଳ ବାଳାଶ୍ରମରେ ଆଧୁନିକ ରୋଷେଇ ବ୍ୟବସ୍ଥା, ଯାଜପୁରରେ ନବନିର୍ମିତ ଉତ୍କଳ ବାଳାଶ୍ରମ ଓ ଆଧୁନିକ ରୋଷେଇ ବ୍ୟବସ୍ଥା, ପାଳନା ଯୋଜନାର ମାର୍ଗଦର୍ଶିକା ଶୁଭ ଉନ୍ମୋଚନ ଏବଂ ଖୋର୍ଦ୍ଧା ଓ ଗଜପତି ଜିଲ୍ଲାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସମନ୍ୱିତ ବାତ୍ସଲ୍ୟ ସଦନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

କାର୍ଯ୍ୟକ୍ରମରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଛନ୍ତି, ଏହି ଅଦାଲତଗୁଡ଼ିକ ନାରୀ ନିର୍ଯ୍ୟାତନା ସମ୍ପର୍କିତ ମାମଲାର ମଧ୍ୟସ୍ଥତା

କରିବ। ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ୭ ରୁ ୮ ଜଣ ମହିଳା ନ୍ୟାୟ ସଖି ଭାବରେ କାର୍ଯ୍ୟ କରିବେ......

**- V/O - (**ପୃଥ୍ୱୀରାଜ ହରିଚନ୍ଦନ**)**

## ମହାନଦୀ ଜଳବିବାଦ

ମହାନଦୀ ଜଳବିବାଦ ପ୍ରସଙ୍ଗରେ ଚଳିତ ମାସ ୩୧ ତାରିଖ ଏବଂ ଆସନ୍ତା ମାସ ପହିଲାରେ ମହାନଦୀ କମିଟି ଛତିଶଗଡ଼ ଗସ୍ତରେ ଯିବେ। ଏହାପୂର୍ବରୁ ଆସନ୍ତା ୨୩ ତାରିଖରେ ସର୍ବଦଳୀୟ ବୈଠକ ବସିବା ନେଇ ଭୁବନେଶ୍ୱର ରାଜୀବ ଭବନଠାରେ ଜଳବିବାଦ ସମ୍ପର୍କିତ ଦ୍ୱିତୀୟ ଉଚ୍ଚସ୍ତରୀୟ ବୈଠକ ପରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ରାଜ୍ୟ ସରକାର ଛତିଶଗଡ଼ ସରକାରଙ୍କ  ସହ ଟ୍ରିବ୍ୟୁନାଲ ନିକଟରେ ନିଜର ମତ ରଖିବେ। ନିଷ୍କର୍ଷ ଆଧାରରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ୨୦୧୮ ମସିହା ମାର୍ଚ୍ଚ ୧୨ ତାରିଖରେ ଗଠନ ହୋଇଥିଲା। ଏହାର ଅବଧି ଆସନ୍ତା ମାର୍ଚ୍ଚ ମାସ ୧୩ ତାରିଖରେ ଶେଷ ହେଉଛି। ଅବଧି ବୃଦ୍ଧି ନେଇ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ଜିଲ୍ଲା ଗସ୍ତ

ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଆଜି ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶ୍ରୀମତୀ ପାଢ଼ୀ ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ

ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ଏହାସହ  ଶ୍ରୀମତୀ ପାଢ଼ୀ ମାଥିଲିସ୍ଥିତ ନୂତନ ଭାବେ ନିର୍ମାଣାଧୀନ ବସଷ୍ଟାଣ୍ଡ, ସ୍ୱଚ୍ଛ ଭାରତ ଅଧୀନରେ କାର୍ଯ୍ୟ କରୁଥିବା କମ୍ପୋଷ୍ଟ ସେଣ୍ଟର ଆଦି ବୁଲି ଦେଖିଥିଲେ।

## ପୌର ନିର୍ବାଚନ

ଆସନ୍ତାବର୍ଷ ଜାନୁୟାରୀ / ଫେବୃୟାରୀ ମାସରେ ପଂଚାୟତ ଓ ପୌର ନିର୍ବାଚନ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ କହିଛନ୍ତି। ଏ ନେଇ ଘରକୁ ଘର ବୁଲି ଭୋଟର ସର୍ଭେ କରାଯିବ। ନିର୍ବାଚନ ସମ୍ପର୍କିତ ପ୍ରାକ୍ ପ୍ରସ୍ତୁତି ବୈଠକ ଶେଷ ହେବା ପରେ ଶ୍ରୀ ପାଢ଼ୀ ସୂଚନା ଦେଇ କହିଛନ୍ତି, ବର୍ତ୍ତମାନର ନିର୍ବାଚିତ ପଂଚାୟତ ପ୍ରତିନିଧିଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ନୂଆ ନିର୍ବାଚନ କରାଯିବ। ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଭୋଟର ସର୍ଭେ ଶେଷ କରାଯିବ। ସ୍ୱତନ୍ତ୍ର ସଘନ ସଂଶୋଧନ ସହ ଏହି ସର୍ଭେର କୌଣସି ସମ୍ପର୍କ ନାହିଁ। ଆବଶ୍ୟକସ୍ଥଳେ ବୁଥ୍ ପୁନର୍ଗଠନ କରାଯିବ ବୋଲି ନିର୍ବାଚନ କମିଶନର କହିଛନ୍ତି।

## ଶ୍ରୀମନ୍ଦିର ବୈଠକ

ରାଜ୍ୟ ସରକାରଙ୍କ ଅନୁମୋଦନ ମିଳିବା ପରେ ରତ୍ନଭଣ୍ଡାର ଅଳଙ୍କାର ଗଣତି-ମଣତି ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି। ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଆଜି ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ପାଢ଼ୀ କହିଛନ୍ତି, ବୈଠକରେ ଶ୍ରୀମନ୍ଦିର ଭିତର ଓ ବାହାର ରତ୍ନଭଣ୍ଡାର ଗଣତି-ମଣତି ପାଇଁ ସଂଶୋଧିତ ମାର୍ଗଦର୍ଶିକାକୁ ଅନୁମୋଦନ କରାଯାଇଛି। ସେବାୟତ ପିଲାଙ୍କ ଆଧ୍ୟାତ୍ମିକ, ମୂଲ୍ୟବୋଧଭିତ୍ତିକ ଶିକ୍ଷା ପାଇଁ ଏକ ନୂତନ

ସଂସ୍ଥା ସହ ଆଦର୍ଶ ଗୁରୁକୁଳ ପ୍ରତିଷ୍ଠା ନେଇ ବୁଝାମଣାପତ୍ର ସ୍ୱାକ୍ଷର ନେଇ ନିଷ୍ପତ୍ତି ହୋଇଛି। ରତ୍ନଭଣ୍ଡାର ଗଣତି-ମଣତି ସମୟରେ ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ବାହାର କାଠରୁ ଦର୍ଶନ କରିପାରିବେ। ବୈଠକରେ ୧୧ ପୃଷ୍ଠାର ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଥିବାବେଳେ ଅଳଙ୍କାରର ଡିଜିଟାଇଜେସନ କରାଯିବ। ଭକ୍ତନିବାସ ପାଇଁ ଧାର୍ଯ୍ୟ ହୋଇଥିବା ପାର୍କିଂ ଦେୟକୁ ୫୦୦ ଟଙ୍କାରୁ ପରିବର୍ତ୍ତନ କରାଯାଇ ୨୪୦ ଟଙ୍କା ରଖାଯାଇଛି। ଶ୍ରୀମନ୍ଦିର ମଧ୍ୟକୁ ମୋବାଇଲ ଫୋନ୍ କଟକଣା ଉଭୟ ସେବାୟତ ଓ ଭକ୍ତଙ୍କ ପାଇଁ ଲାଗୁ ହେବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

## ବିମାନ ଦୁର୍ଘଟଣା-ମୃତ୍ୟୁ

ରାଉରକେଲା ବିମାନ ଦୁର୍ଘଟଣାରେ ଗୁରୁତର ଆହତ ସୁଶାନ୍ତ ବିଶ୍ୱାଳଙ୍କର ଚିକିତ୍ସାଧୀନ ଅବସ୍ଥାରେ ଆଜି ମୃତ୍ୟୁ ଘଟିଛି। ଗତ ୧୦ ତାରିଖରେ ରାଉରକେଲା ବିମାନ ବନ୍ଦରରୁ ଉଡ଼ାଣ ଆରମ୍ଭ କରିଥିବା ୯ ସିଟ୍ ବିଶିଷ୍ଟ ଏହି ବିମାନଟି ୧୫ରୁ ୨୦ କିଲୋମିଟର ଉଡାଣ କରିବା ପରେ ରଘୁନାଥପାଲି କାନସର ନିକଟସ୍ଥ ପଡ଼ିଆରେ ଜରୁରୀ ଅବତରଣ କରିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାରେ ଦୁଇ ପାଇଲଟ୍‌ଙ୍କ ସମେତ ୬ ଜଣ ଆହତ ହୋଇଥିଲେ।

## ସୁଭଦ୍ରା ଶକ୍ତିମେଳା

**ନୟାଗଡ଼** ଜିଲ୍ଲା ଷ୍ଟାଡିୟମ୍‌ଠାରେ ସୁଭଦ୍ରା ଶକ୍ତିମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀ ଋଣମେଳା, ଲକ୍ଷପତି ଦିଦି, ଉଦ୍ୟୋଗୀ ଋଣ ମେଳା ଏବଂ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ, ଲକ୍ଷପତି ଦିଦି

ଏବଂ ବ୍ୟାଙ୍କରମାନଙ୍କୁ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସମ୍ମାନୀତ କରିଥିଲେ। ଉତ୍ସବରେ ୩ ହଜାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୩୭ କୋଟି ଟଙ୍କା ଋଣ ମଞ୍ଜୁର କରାଯାଇଥିଲା।

## ଯନ୍ତ୍ରପାତି ମେଳା

**ମାଲକାନଗିରି** ଜିଲ୍ଲା ସଦର ମହକୁମାସ୍ଥିତ ଆଦିବାସୀ ପଡିଆଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜି ଉଦ୍‌ଘାଟିତ ହୋଇଯାଇଛି। ସାଂସଦ ବଳଭଦ୍ର ମାଝୀ କାର୍ଯ୍ୟକ୍ରମରେ ଯୋଗଦେଇ ଚାଷୀମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ, ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କରି କମ୍ ଖର୍ଚ୍ଚରେ ଚାଷ କରି ଲାଭବାନ୍ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୩ ଜଣ ଅଗ୍ରଣୀ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ସହ ୪ ଜଣ ଚାଷୀଙ୍କୁ ଟ୍ରାକ୍ଟର ପ୍ରଦାନ କରାଯାଇଥିଲା।

## ମାଣ୍ଡିଆ ଚାଷ

**ନୟାଗଡ଼** ଜିଲ୍ଲା ଗଣିଆରେ ଚଳିତ ଖରିଫ୍ ବର୍ଷ ପାଇଁ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ କାର୍ଯ୍ୟକ୍ରମରେ ଯୋଗଦେଇ ମାଣ୍ଡିଆର ଉପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ମାଣ୍ଡିଆ ଚାଷକୁ ବ୍ୟାପକ ଭାବରେ କରିବାକୁ ଶ୍ରୀ ପାଣିଗ୍ରାହୀ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଥମ ଦିନରେ ୧୫ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଥିଲା। ଚଳିତବର୍ଷ ଗଣିଆରେ ୫୫୦ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ପ୍ରସ୍ତୁତି ବୈଠକ

**ଦେବଗଡ଼** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆସନ୍ତା ୨୫ ତାରିଖରେ ହେବାକୁ ଥିବା ଜାତୀୟ ଭୋଟର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ବୈଠକରେ ଯୋଗଦେଇ ସମସ୍ତ ଅଧିକାରୀମାନଙ୍କର ସହଯୋଗ କାମନା କରିଥିଲେ । ଦେବଗଡ଼ ମହାବିଦ୍ୟାଳୟଠାରେ ଆସନ୍ତା ଜାନୁୟାରୀ ୨୦ ତାରିଖ ଦିନ ଭୋଟର ଦିବସ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବା ପାଇଁ ସ୍ଥିର ହୋଇଛି ।

## ପ୍ରାଣୀସମ୍ପଦ ମେଳା

ରାଜ୍ୟ ସରକାରଙ୍କର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ **ବୌଦ୍ଧ** କଚେରୀ ପଡିଆଠାରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆୟୋଜିତ ହୋଇଛି । ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ଦ୍ୱାରା ଚାଷୀମାନେ ଲାଭାନ୍ୱିତ ହେଉଛନ୍ତି ବୋଲି କହିଥିଲେ । ମତ୍ସ୍ୟ ଓ ପ୍ରାଣୀସମ୍ପଦ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ୱାଟରସେଡ୍

**ନୟାଗଡ଼** ଜିଲ୍ଲା ଓଡ଼ଗାଁ ୱାଟରସେଡ୍ ସଚେତନତା ଯାତ୍ରା ଚେମେଡି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ଗାଁ ଜଳ ବିଭାଜିକା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସ୍ମିତା ବେହେରା ଉତ୍ସବରେ ଯୋଗଦେଇ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଚାଷୀମାନେ ଲାଭବାନ ହେବା ସହ ଜମିରେ କମ୍ ପାଣି ବ୍ୟବହାର କରି ଅଧିକ ଫସଲ ଉତ୍ପାଦନ କରିବା ସମ୍ପର୍କରେ ଆଲୋଚନା

କରିଥିଲେ। ଏହି ଅବସରରେ ଚେମେଡିଠାରେ ବର୍ଷାଜଳ ପରିଚାଳନା ବନ୍ଧର ଲୋକାର୍ପଣ ଓ କ୍ଷେତ ପୋଖରିର ଶୁଭଉଦ୍‌ଘାଟନ କରାଯାଇଥିଲା।

## ସଫେଇ କାର୍ଯ୍ୟକ୍ରମ

ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସମଲାଇପଦର ଗ୍ରାମରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପୁର ବିଧାୟକ ସନ୍ନତ ଗଡତିଆ କାର୍ଯ୍ୟକ୍ରମରେ ଯୋଗଦେଇ ପାର୍ବତୀ ଗିରିଙ୍କୁ ସାହସ, ତ୍ୟାଗ ଏବଂ ସହାନୁଭୂତିର ପ୍ରତୀକ ବୋଲି କହିଥିଲେ।

## ଖବର ସଂକ୍ଷିପ୍ତରେ

**କୋରାପୁଟ** ଜିଲ୍ଲା ସଦ୍‌ଭାବନା ସଭାଗୃହରେ ପେଶା ଆଇନ୍ ଓ ଜନଜାତି ବିକାଶ ସମ୍ପର୍କିତ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି।

**କନ୍ଧମାଳ** ଜିଲ୍ଲା ଫୁଲବାଣୀ କରୋନେସନ୍ ପଡିଆଠାରେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୨ଟି ବ୍ଲକ୍‌ର ସମସ୍ତ ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟ ଭାଗ ନେଇଛନ୍ତି।

**ଖୋର୍ଦ୍ଧା** ଜିଲ୍ଲା ଜୁନିୟର କାର୍ଯ୍ୟନିର୍ବାହୀ ବୈଠକ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟଠାରେ ଆୟୋଜିତ ହୋଇଯାଇଛି।

**ନୟାଗଡ଼** ଈଶ୍ୱର କଲ୍ୟାଣ ମଣ୍ଡପଠାରେ ଭିବି-ଜି.ରାମ.ଜି. ଆଇନ୍ ସମ୍ପର୍କିତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।